ସମାଜ
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ

DATE:-11.08.2017

ନିସ୍ ଇନ୍ଷ୍ଟିଚ୍ୟୁଟ୍‌ରେ 'ନବୋଦୟ-୨୦୧୭'

ଭୁବନେଶ୍ୱର,୧୦।୮ : ମଦନପୁରସ୍ଥିତ ନିସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଡ଼ମିନିଷ୍ଟ୍ରେସନ୍‌ର ନବାଗତ ଏମ୍‌ବିଏ, ଏମ୍‌ସିଏ, ଏମ୍‌କମ୍ ଫାଇନାନ୍ସ ଆଣ୍ଡ କଣ୍ଟ୍ରୋଲ ଓ ପିଏମ୍‌ଆଇଆର୍ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି।

ଉକ୍ତ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ଡାଇରେକ୍ଟର ପ୍ରଫେସର ଡଃ. ଜି. କେ. ନାୟକ ମୁଖ୍ୟ ଅତିଥି, ଟିସିଏସ୍ ଓଡ଼ିଶା ରିଜିଅନ୍‌ର ପ୍ରୋଜେକ୍ଟ ହେଡ୍ ଡଃ. ସୁମନ ଭଟ୍ଟାଚାର୍ଯ୍ୟ ମୁଖ୍ୟବକ୍ତା, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଜୋନ୍-୧ର ବ୍ୟାଙ୍କିଙ୍ଗ୍ ଓ ଅପରେସନ୍‌ର ଡେପୁଟି ଜେନେରାଲ ମ୍ୟାନେଜର ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଓ ବିଜିନେସ୍ ଷ୍ଟାଣ୍ଡାର୍ଡ଼ର ବ୍ୟୁରୋ ଚିଫ୍ ଦିଲୀପ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୈଷୟିକ ଶିକ୍ଷାର ପ୍ରୟୋଜନିତା, ଶିକ୍ଷାନୁଷ୍ଠାନର ଭୂମିକା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ରୂପରେଖ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ, ଡିନ୍ ଡଃ. ଶୁଚିକାନ୍ତ ଦୀକ୍ଷିତ ଓ ଡେପୁଟି ଡାଇରେକ୍ଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସହ-ପ୍ରତିଷ୍ଠାତା ପ୍ରଫେସର ସୁଚିସ୍ମିତା ନାୟକ ଏବଂ ପ୍ରଶାସନିକ ଅଧିକାରୀ ପୀତାମ୍ବର ରାଉତ ଉପସ୍ଥିତ ଥିଲେ।